# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**12 October – 2024**

**News Editor : *Tapan Kumar Maharana***

# ଦଶମୀ ପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଆଜି ଶକ୍ତିପୀଠଗୁଡ଼ିକରେ ଦଶମୀ ପୂଜା ଚାଲିଛି । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମୃଣ୍ମୟୀ ମଣ୍ଡପଗୁଡ଼ିକରେ ମହାନବମୀ ପୂଜା ଏବଂ ହୋମ ଯଜ୍ଞ ପ୍ରାତଃରୁ ଆରମ୍ଭ ହୋଇଛି । ପୁରୀ ଶ୍ରୀକ୍ଷେତ୍ରରେ ମା’ ବିମଳାଙ୍କର ଆଜି ବିଶ୍ରାମ ପୂଜା ହେଉଛି । ଶ୍ରୀମନ୍ଦିରରେ ଆସନ୍ତାକାଲି ଦଶହରା ପୂଜା ସହ ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ । ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ’ ବୀରବେଶ ଧାରଣ କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠସ୍ଥିତ ମହାଖଳାକୁ ବିଜେ କରିବେ ।

ଭଦ୍ରକ ଜିଲ୍ଲା ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ମା’ ଜୟଦୁର୍ଗାଙ୍କର ଆଜି ଦଶଭୂଜା ବେଶ ଅନୁଷ୍ଠିତ ହୋଇଛି ।

କଟକ ସହରର ୧୭୦ଟି ପୂଜାମଣ୍ଡପରେ ମହାମାୟା ଦୁର୍ଗାଙ୍କର ପୂଜା ଆରାଧନା କରାଯାଉଛି । ଐତିହାସିକ କଟକ ସହରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ହୋମଯଜ୍ଞ ସମେତ ଘଣ୍ଟଘଣ୍ଟା, ସୁନ୍ଦରମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଆସି ପୂଜାମଣ୍ଡପ ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହାପରେ କେନ୍ଦୁଝର ଗସ୍ତ କରି ମା’ ଦୁର୍ଗାଙ୍କର ପୂଜାଅର୍ଚ୍ଚନାରେ ସାମିଲ ହେବେ।

# ମଣିକେଶ୍ୱରୀଙ୍କ ମହାନବମୀ ସମ୍ପନ୍ନ

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା’ ମଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଗତକାଲି ମହାନବମୀ ତିଥିରେ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ଜେନାଖାଲରେ ଗୁପ୍ତବିଧି ପୂଜାର୍ଚ୍ଚନା ପରେ ପୂଜାରୀ, ବାହୁକ ଆଦି ମା’ଙ୍କର ଛତର ଘେନି ମନ୍ଦିର ପର୍ଯ୍ୟନ୍ତ ବିଜୟ ଯାତ୍ରାରେ ବାହାରି ଥିଲେ। ମା’ଙ୍କର ଭବ୍ୟ ଛତର ଦର୍ଶନ ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ମାନସିକଧାରୀଙ୍କ ସମାଗମ ହୋଇଥିଲା।

# ଯୁକ୍ତ ଦୁଇ ନାମଲେଖା

ଯୁକ୍ତ ଦୁଇ ତୃତୀୟ ପର୍ଯ୍ୟାୟ ନାମଲେଖା ଲାଗି ସାମ୍ସ ୱେବସାଇଟ୍ ମାଧ୍ୟମରେ ଚଳିତ ମାସ ୨୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତାମାସ ୨ ତାରିଖରୁ ୫ ତାରିଖ ମଧ୍ୟରେ ନାମଲେଖାଇ ପାରିବେ।

## ଡିଜିଟାଲ କାରବାର

ଦେଶରେ ନଗଦମୁକ୍ତ ଡିଜିଟାଲ ନେଣଦେଣ କାରବାର ବୃଦ୍ଧି ପାଉଥିବା ନେଇ 'ଓ୍ୱାର୍ଲଡ ଲାଇନ୍ ଇଣ୍ଡିଆ'ର ଡିଜିଟାଲ ପେମେଣ୍ଟ ରିପୋର୍ଟରେ କୁହାଯାଇଛି । ଚଳିତ ବର୍ଷର ପ୍ରଥମ ୬ ମାସ ଭିତରେ ଜୁନ୍ ସୁଦ୍ଧା ୟୁପିଆଇ- ଡିଜିଟାଲ ପେମେଣ୍ଟ ଜରିଆରେ ୭ ହଜାର ୮୦୦ କୋଟି ଟଙ୍କାରୁ ଅଧିକ କାରବାର ହୋଇଛି । ଏହି କାରବାରର ପରିମାଣ ଗତ ବର୍ଷ ତୁଳନାରେ ୫୨ ପ୍ରତିଶତ ଅଧିକ । ମହାରାଷ୍ଟ୍ର, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଦିଲ୍ଲୀ, ତେଲଙ୍ଗାନା, ଉତ୍ତର ପ୍ରଦେଶ, ଗୁଜୁରାଟ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଡିଜିଟାଲ ଅର୍ଥ କାରବାର କ୍ଷେତ୍ରରେ ପ୍ରଥମ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ପାଇଛି । ଅନ୍ୟପକ୍ଷରେ ଦେଶରେ ଉପଭୋକ୍ତାମାନଙ୍କର କ୍ରେଡିଟ୍ କାର୍ଡ ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି ।

## ଆପ୍ରେଣ୍ଟିସ୍‌ସିପ୍ ଏମ୍ବେଡ୍ ଡିଗ୍ରୀ ପ୍ରୋଗ୍ରାମ

ବିଶ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଆପ୍ରେଣ୍ଟିସ୍‌ସିପ୍ ଏମ୍ବେଡ୍ ଡିଗ୍ରୀ ପ୍ରୋଗ୍ରାମ ଆରମ୍ଭ ହେବା ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି । ଫଳରେ ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ନିଯୁକ୍ତିକ୍ଷମ ହୋଇପାରିବେ । ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରୁ ଏହି ପାଠ୍ୟକ୍ରମ ନେଇ ମତାମତ ଆସିବା ପରେ ମାର୍ଗଦର୍ଶିକା ଜାରି କରାଯିବ । ଆସନ୍ତା ଜାନୁଆରୀ-ଫେବୃଆରୀ

ଅଧିବେଶନରେ ଏମ୍ଫେଡ୍ ଡିଗ୍ରୀ ପ୍ରୋଗ୍ରାମ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଯୋଜନା ରଖାଯାଇଛି ବୋଲି ୟୁଜିସି ଅଧ୍ୟକ୍ଷ ଏମ୍.ଜଗଦେଶ କୁମାର ସୂଚନା ଦେଇଛନ୍ତି।

## ତମାଖୁ ମୁକ୍ତ ଅଭିଯାନ

ଦେଶରେ ତମାଖୁ ମୁକ୍ତ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ନଭେମ୍ବର ମାସ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ତମାଖୁ ସେବନ ଅଧିକାଂଶ ଅଣସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ ହୋଇଥିବାରୁ ତମାଖୁ ବର୍ଜନ ଆଜିର ଯୁବପିଢ଼ି ପାଇଁ ଆହ୍ୱାନ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ତମାଖୁ ଧୂଆଁରେ ୭ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ମଧ୍ୟରୁ ଅଣସ୍ତରୀଟି କର୍କଟ ରୋଗର କାରଣ ହୋଇଥାଏ। ସେହିଭଳି ଧୁମହୀନ ତମାଖୁରେ ୩ ହଜାରରୁ ଅଧିକ ରାସାୟନିକ ପଦାର୍ଥ ମଧ୍ୟରୁ ୨୮ଟି କର୍କଟ ରୋଗ କାରଣ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଜଳସଞ୍ଚୟ

ଜଳସଞ୍ଚୟ କରିବା ପାଇଁ ଜନଭାଗିଦାରୀ ପଦକ୍ଷେପ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ସାମିଲ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ପପଦକ୍ଷେ ନିଆଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ପରିସର ମଧ୍ୟରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ଓ

ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା କରିବା ନେଇ ଉଚ୍ଚଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଉଛି।

## ପାଣିପାଗ

ରାଜ୍ୟରେ ଆଗାମୀ ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି। ଅନ୍ୟପକ୍ଷରେ ଗତ ଦୁଇଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ବର୍ଷାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ଏକ ସକ୍ରିୟ ଘୁରୁଚାପ ପ୍ରଭାବରେ ଓଡ଼ିଶାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗତକାଲି ୧୬ଟି ସହରର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ଥିଲା।